## ସଂକ୍ଷେପରେ

### ଛଟେଇ କର୍ମଚାରୀଙ୍କ ଅନଶନ ପ୍ରତ୍ୟାହୃତ



ଆଠମଲ୍ଲିକ, ୧୨।୩(ଡି.ଏନ.ଏ.)- ସ୍ଥାନୀୟ ମାନଜୋର ଜଳସେଚନ କାର୍ଯ୍ୟାଳୟ ସମ୍ମୁଖରେ ସେହି କାର୍ଯ୍ୟାଳୟର ଛଟେଇ କର୍ମଚାରୀ ବୁଧବାରଠାରୁ ଚଳାଇଥିବା ଅନଶନ ଓ ଗଣଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ଦାବି ଉପରେ ଅନୁଧାନ ଓ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସେମାନଙ୍କୁ ଥଣ୍ଡା ପାନୀୟ ଦିଆଯାଇଥିଲା। ଏହି ଆଲୋଚନାରେ ନିର୍ବାହୀ ଯନ୍ତ୍ରୀ ଇଂ. ସନାତନ ପାତ୍ରଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ। ଆସନ୍ତା ବୁଧବାର ଛଟେଇ କର୍ମଚାରୀଙ୍କ ସହିତ ମାନଜୋର ଜଳସେଚନ ବିଭାଗ ମୁଖ୍ୟ ଯନ୍ତ୍ରୀ, ନିର୍ବାହୀଯନ୍ତ୍ରୀ, ଉପଜିଲାପାଳ ମାନଜୋର କାର୍ଯ୍ୟାଳୟରେ ଆଲୋଚନା କରିବେ ବୋଲି ଦିନ ଧାର୍ଯ୍ୟ ହୋଇଥିବା ଜଣାଯାଇଛି।

### ହରିଣ ଶିକାର, ୩ ଗିରଫ



ବନ୍ତଲା, ୧୨।୩(ଡି.ଏନ୍.ଏ)- ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ଥାନା ଓ ରେଞ୍ଜ ଅଧୀନ ପୁରୁଣାକୋଟ ରିଜର୍ଭ ଜଙ୍ଗଲ କମ୍ପାର୍ଟମେଣ୍ଟ ନମ୍ବର-୬ରେ ବୁଧବାର ରାତିରେ ଏକ ହରିଣ ଶିକାର କରାଯାଇଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ବନ ବିଭାଗ କର୍ମଚାରୀ ୩ ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଛୁଟୁକେଇ ଗ୍ରାମର ଶିବ ଦେହୁରୀ(୫୦), ଦେବାର୍ଚ୍ଚନ ଦେହୁରୀ(୫୦), କାଳନ୍ଦୀ ନାଏକ(୬୦)। ଅଭିଯୁକ୍ତମାନେ ହରିଣକୁ କାଟି ମାଂସ ଭାଗ କରୁଥିବା ସମୟରେ ଡିଏଫ୍‌ଓ ରାମାସ୍ୱାମୀ ପି.ଙ୍କ ନିର୍ଦ୍ଦେଶରେ ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରାଙ୍କ ସହିତ ପୁରୁଣାକୋଟ ଓ ଛୁଟୁକେଇ ବନ ବିଭାଗ କର୍ମଚାରୀ ଏବଂ ସ୍କ୍ୱାଡ୍ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ କଟାମାଂସ ଜବତ କରାଯାଇଛି। ଅଭୟାରଣ୍ୟ ଆଇନ ଉଲ୍ଲଂଘନ ନେଇ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର କୁମାର ସାହୁ ମୃତ ହରିଣର ବ୍ୟବଚ୍ଛେଦ କରିଥିଲେ।

### ବଳରାମ ପ୍ରସାଦ କ୍ରିକେଟ: ମା' ବୁଢ଼ୀ ଟିମ୍ ବିଜୟୀ




ବଆଁରପାଳ, ୧୨।୩(ଡି.ଏନ.ଏ.)- ଅନୁଗୋଳ ଜିଲା ବଆଁରପାଳ ବ୍ଲକ ବଳରାମ ସିଂହବାହିନୀ ୟୁଥ୍ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ଲାଲ ବାହାଦୂର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ମା' ବୁଢ଼ୀ କ୍ରିକେଟ ଟିମ୍ ଅନୁଗୋଳ ଓ ତାଳଚେର ଫ୍ରେଣ୍ଡ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତାଳଚେର ବ୍ୟାଟିଂ କରି ୨୦ ଓଭରରେ ୧୫୫ ରନ୍ କରିଥିଲା। ଜବାବରେ ମା' ବୁଢ଼ୀ ଆବଶ୍ୟକ ରନ କରି ବିଜୟୀ ହୋଇଛି। ବିଜୟୀ ଦଳର ପ୍ରଦୀପ୍ତ କୁମାର ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନିଲ ବେହେରା ଓ ଅନିଲ ମହାନ୍ତି ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଜୁନ୍‌ରୁ ଜିଲାରେ ଇ-କାର୍ଯ୍ୟାଳୟ

**ଅନୁଗୋଳ ଅଫିସ୍, ୧୨।୩**

ଅନୁଗୋଳ ଜିଲା କାର୍ଯ୍ୟାଳୟରେ ଲାଗୁ ହେବ ଇ- କାର୍ଯ୍ୟାଳୟ। ଏହି ବ୍ୟବସ୍ଥା ଫଳରେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଚିଠି ଧରି ଆଉ ଏ ବିଭାଗରୁ ସେ ବିଭାଗ ବୁଲିବାକୁ ପଡ଼ିବ ନାହିଁ। ଫାଇଲ ବି ନାଲି ଫିତା ତଳେ ବର୍ଷ ବର୍ଷ ଧରି ପଡ଼ି ରହିବ ନାହିଁ। ଜିଲାରେ ପ୍ରଥମ

■ପ୍ରଥମ ପର୍ଯ୍ୟାୟରେ ସାମିଲ ହେବ ୨୫ ବିଭାଗ
■ବର୍ଷ ବର୍ଷ ଧରି ପଡ଼ିରହିବନି ଚିଠି, ଫାଇଲ
■ଭିତ୍ତିଭୂମିର ସମୀକ୍ଷା କଲେ ଜିଲାପାଳ

ପର୍ଯ୍ୟାୟରେ ୨୫ଟି ବିଭାଗକୁ ଏହି ଇ- କାର୍ଯ୍ୟାଳୟରେ ସାମିଲ କରାଯିବା ଯୋଜନା ରହିଛି।

ସରକାରଙ୍କ ୫-ଟିର କାର୍ଯ୍ୟକାରିତାକୁ ନେଇ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଅନ୍‌ଲାଇନରେ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ଚାଲିବ। ଆସନ୍ତା ଜୁନରୁ ଅନୁଗୋଳ ଜିଲା କାର୍ଯ୍ୟାଳୟର ୨୫ଟି ବିଭାଗକୁ ନେଇ ଉକ୍ତ ପ୍ରକଳ୍ପ ଆରମ୍ଭ ହେବ। ଏଥିପାଇଁ ସମ୍ପୃକ୍ତ ବିଭାଗ ଗୁଡ଼ିକରେ ଉପଲବ୍ଧ ଥିବା ଭିତ୍ତିଭୂମି ଓ ସମ୍ବଳକୁ ନେଇ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ କହିଥିଲେ ଯେ, ସମସ୍ତ ବିଭାଗରେ କାର୍ଯ୍ୟରତ କିରାଣି ଓ ଅଧିକାରୀଙ୍କ ପାଖରେ କମ୍ପ୍ୟୁଟର ସହ ଆନୁସଙ୍ଗିକ ବ୍ୟବସ୍ଥା ରହିବ। ଏପରି କି ଇଣ୍ଟରନେଟ୍ ସଂଯୋଗ ସହ ୟୁପିଏସ୍ ଓ ପ୍ରିଣ୍ଟର ଯୋଗାଇ ଦିଆଯିବ। ଏହାଦ୍ୱାରା ସମସ୍ତ ପ୍ରକାର ଚିଠିପତ୍ରର ଆଦାନ ପ୍ରଦାନ ଅନ୍‌ଲାଇନରେ ହୋଇପାରିବ। କୌଣସି ବିଭାଗରେ ଚିଠି ପଡ଼ି ରହିବ ନାହିଁ କି ଆଦାନ ପ୍ରଦାନରେ ବିଳମ୍ବ ହେବନାହିଁ। ଜିଲା କାର୍ଯ୍ୟାଳୟରେ ସମସ୍ତ ବିଭାଗର ଚିଠିର ଆଦାନ ପ୍ରଦାନ ବ୍ୟବସ୍ଥା ସହିତ ସେଣ୍ଟ୍ରାଲ ଡାଏରୀ ବିଭାଗ କାର୍ଯ୍ୟ କରିବ। କେଉଁ ବିଭାଗରେ କେତେ କମ୍ପ୍ୟୁଟର ଓ କର୍ମଚାରୀ ଅଛନ୍ତି ସେ ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ସମେତ ଜିଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏନ୍‌ଆଇସିର ଡିଆଇଓ ସୁବ୍ରତ କୁମାର ଚାଟାର୍ଜୀ ଇ-କାର୍ଯ୍ୟାଳୟର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।



ଜିଲାପାଳ ଇ- କାର୍ଯ୍ୟାଳୟ ସମ୍ପର୍କରେ ସମୀକ୍ଷା କରୁଛନ୍ତି।

## ଗାଁ ମଧ୍ୟରୁ କୁକୁଡ଼ା ଫାର୍ମ ଉଚ୍ଛେଦ ଦାବି

**ବନ୍ତଲା, ୧୨।୩(ଡି.ଏନ୍.ଏ)**

ଅନୁଗୋଳ ଥାନା କାଙ୍ଗୁଲା-ବେନ୍ତପୁର ପଞ୍ଚାୟତର ବେନ୍ତପୁର ଗ୍ରାମ ମଧ୍ୟରେ ହୋଇଥିବା କୁକୁଡ଼ା ଫାର୍ମକୁ ସେଠାରୁ ଉଚ୍ଛେଦ କରାଯିବାକୁ ଦାବି ହୋଇଛି। ଜନବସତିଠାରୁ ଦୂରରେ ଫାର୍ମ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ କେତେଜଣ ବ୍ୟକ୍ତି ଗାଁ ଭିତରେ ଏହି କୁକୁଡ଼ା ଫାର୍ମ ନିର୍ମାଣ କରିଥିବାନେଇ ଜିଲାପାଳଙ୍କ ପ୍ରକୋଷ୍ଠରେ ବୁଧବାର ଗ୍ରାମର ମନୋରଞ୍ଜନ ତ୍ରିପାଠୀ, କରୁଣାକର ତ୍ରିପାଠୀ, ସ୍ୱପ୍ନେଶ୍ୱର ପ୍ରଧାନ, ଶ୍ରୀନିବାସ ବେହେରା, ଚିତ୍ତରଞ୍ଜନ ତ୍ରିପାଠୀ, ନିପୁ ପଣ୍ଡା, ପିଙ୍କୁ ସେଠ, କୁନି ତ୍ରିପାଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ, ଢେଙ୍କାନାଳ ଏମ୍‌ପି, ହ୍ୟୁମାନ୍ ରାଇଟ୍‌ସ କମିଶନ, ଚେୟାରମ୍ୟାନ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ଼, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ, ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ମଧ୍ୟ ଅଭିଯୋଗ ପଠାଯାଇଛି। ଏ ନେଇ ୨୦୧୯ ଅଗଷ୍ଟ ୨୬ ତାରିଖରେ ମଧ୍ୟ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।

# ପେଡିପଥରରେ ଦୋଳଯାତ୍ରା



ଠାକୁରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

**ବଇଣ୍ଡା, ୧୨।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପେଡିପଥର ଗ୍ରାମରେ ଦ୍ୱିତୀୟ ଦୋଳଯାତ୍ରା ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ଏଥିରେ ମା କନକେଇ କଳା ପରିଷଦର ଘଣ୍ଟ ବାଦ୍ୟ, ବାଗେଡିଆ ଗ୍ରାମର ଲଉଡି ଖେଳ, ଝାରବଇଣ୍ଡା, ବରହ୍ମ, ପେଡିପଥର ଆଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଥିଲେ। ଦିଲୀପ ସାହୁ, ଗୋଲଖ ବିହାରୀ ସାହୁ, ଦିବାକର ଚୌଧୁରୀ, ବିବେକାନନ୍ଦ ସାହୁ, ରାଜେଶ ନାୟକ, ଗୁରୁଦେବ ରାଉଳ, ସୁଶାନ୍ତ କୁମାର ସାହୁଙ୍କ ସମେତ ନେତାଜୀ ଯୁବକ ସଂଘର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଆହତ ହରିଣର ଚାଲିଛି ଚିକିତ୍ସା

**ତେଲକୋଇ, ୧୨।୩ (ଡି.ଏନ.ଏ.)**

ତେଲକୋଇ ବନାଞ୍ଚଳ ସମାକୋଇ ସଂରକ୍ଷିତ ଜଙ୍ଗଲରୁ ନୂଆଗଡ ଗ୍ରାମକୁ ଗତ ବୁଧବାର ଅପରାହ୍ନରେ କୁକୁର ଆକ୍ରମଣରେ ଏକ ଗର୍ଭବତୀ ହରିଣ ପଶି ଆସିଥିଲା। ବନବିଭାଗ ଖବର ପାଇ ଆହତ ହରିଣକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସକ ଆସି ଚିକିତ୍ସା ଆରମ୍ଭ କରିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ପୁନରାୟ ଜଙ୍ଗଲ ଅଞ୍ଚଳରେ ଛଡାଯିବାର ଯୋଜନା ହୋଇଥିବା ବିଭାଗୀୟ ଫରେଷ୍ଟର ବସନ୍ତ ମୁର୍ମୁ ପ୍ରକାଶ କରିଛନ୍ତି।

# ନରହରିପୁର ଟିମ୍ ଚାମ୍ପିୟନ



ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ତାଳଚେର, ୧୨।୩(ନି.ପ୍ର.)**

ତାଳଚେର ବ୍ଲକ ରାଧାରମଣପୁର ଶନି ଦେବ କ୍ଲବ ପକ୍ଷରୁ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ନରହରିପୁର ଓ କଳମଛୁଇଁ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନରହରିପୁର କ୍ରିକେଟ୍ ଟିମ୍ ସୁପରଓଭର ଖେଳି ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ସମ୍ମାନିତ ଅତିଥି ଭାବେ ବ୍ରଜନାଥପୁର ସରପଞ୍ଚ ଭାଗୀରଥି ସାହୁ, ବିଘ୍ନେଶ୍ୱର ସାହୁ, ସୁଭଦ୍ରା ନାୟକ, ସନ୍ତୋଷ କୁମାର ପାଢ଼ୀ, ଗ୍ରାମ୍ୟ ସଭାପତି ପଦ୍ମଲୋଚନ ଭୂତିଆ ପ୍ରମୁଖ ଯୋଗ ଦେଇଥିଲେ। ବିଜୟୀ ନରହରିପୁର କ୍ରିକେଟ୍ ଦଳକୁ ନଗଦ ୧୨ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସଅପ୍ କଳମଛୁଇଁ ଦଳକୁ ଅତିଥିମାନେ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ରାଧାରମଣପୁର ଗ୍ରାମର ଜୟ ଶନି ଦେବ କମିଟି ସଦସ୍ୟ ସହଯୋଗ କରିଥିଲେ।

## ପୋଖରୀରୁ ମାଛ ଚୋରି ଅଭିଯୋଗ

**ବନ୍ତଲା, ୧୨।୩(ଡି.ଏନ୍.ଏ):** ବନ୍ତଲା ଥାନା ବଡ଼କନ୍ତକୁଳ ପଞ୍ଚାୟତ ହିନ୍ଦୋଳ ସୀମାକୁ ଲାଗିଥିବା କରାବିରା ଗ୍ରାମର ମୋହନ ବେହେରାଙ୍କ ପୋଖରୀରୁ ମଙ୍ଗଳବାର ଅପରାହ୍ନରେ ଗ୍ରାମର ୬ ଜଣ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ତାଙ୍କ ବନ୍ଧରୁ ମାଛ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରି ମାଛର ଆନୁମାନିକ ମୂଲ୍ୟ ୧୫ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ ଅଭିଯୋଗ କଲେ ଅଭିଯୁକ୍ତମାନେ ହତ୍ୟା ଧମକ ଦେଇଥିବା ମୋହନ ଅଭିଯୋଗରେ ଦର୍ଶାଇଛନ୍ତି।



ଅଭିଯୋଗକାରୀ ମୋହନ।

# ଦୋଳରେ ବାଦଦଣ୍ଡ ପ୍ରତିଯୋଗିତା



ଲଉଡ଼ି ଖେଳ ପରିବେଷଣ।

**ବନ୍ତଲା, ୧୨।୩(ଡି.ଏନ୍.ଏ)**

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଗ୍ରାମରେ ଦୋଳ ଉତ୍ସବ ପାଳନ ହୋଇଯାଇଛି। ଏହ ଅବସରରେ ରାଧାକୃଷ୍ଣଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। କରତପଟା ଓ ହିସାଲୋଇ ଗୋପାଳମାନଙ୍କ ଲଉଡ଼ି ଖେଳ, ବାରଗୌଣିଆର ସିଂହବାଜା, ରାଣୀଗୋଡ଼ାର ଭାଙ୍ଗଡ଼ା ବାଜା, ପୋକତୁଙ୍ଗା ଓ କନ୍ତମେଘ ଗ୍ରାମର ମହିଳା ସଂକୀର୍ତ୍ତନ ମଣ୍ଡଳୀ, ମାଣପୁରର ଘଣ୍ଟ ବାଜା, ରାଜାରାଣୀ, ଘୋଡ଼ା, ପତାକା ଓ ସାଉଣ୍ଡ ଦ୍ୱାରା ଶୋଭାଯାତ୍ରାରେ ସାମିଲ ହୋଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ କରଡ଼ାଗାଡ଼ିଆ ଓ ଗୁଳେହି ମଧ୍ୟରେ ବାଦଦଣ୍ଡ ପ୍ରତିଯୋଗିତା ହୋଇଥିଲା। ଗ୍ରାମ ସଭାପତି ପପୁ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଧୋକୁଟା, ମୂଷାପାପୁଲି, ଚନ୍ଦ୍ରବାହାଳ, ପୁରୁଣାଗଡ଼, ବସଲା, ବଲାସିଂହା, କୁମୁରିସିଂହା, ଖଳିଡ଼ିପ ଛକ, ଲାଛବନ୍ଧ ଆଦି ଗ୍ରାମରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବନ୍ତଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ଭାଗବତ ଜୀଉଙ୍କ ବାର୍ଷିକ ଉତ୍ସବ

**ବନ୍ତଲା, ୧୨।୩(ଡି.ଏନ୍.ଏ)**

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ଦେହୁରିସାହିରେ ଭାଗବତ ଜୀଉଙ୍କ ୫୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଶ୍ରୀଧର ଦେହୁରୀ ଯଜ୍ଞ ପୁରୋଧା ଓ ରଞ୍ଜନ କୁମାର କର ଯଜ୍ଞାଧୀଶ ଦାୟିତ୍ୱ ତୁଲାଇଥିଲେ। ଏଥିରେ କନ୍ତମେଘ, ବାରଗୌଣିଆ ପାଣ୍ଡୁରୁସୁଣିଆ ସାହି, ବାରଗୌଣିଆ ଗୌଡ଼ସାହି, ପୋକତୁଙ୍ଗା ବେହେରା ସାହି ଓ ରଣେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କମିଟି ସମ୍ପାଦକ ଦିନେଶ ଦେହୁରୀ, ସଭ୍ୟ ସୁରେଶ ଦେହୁରୀ, ଲମ୍ବୋଦର ଦେହୁରୀ, ଅନ୍ତର୍ଯ୍ୟାମୀ ଦେହୁରୀ, ରାଜକିଶୋର ଦେହୁରୀ, ପ୍ରମୋଦ ଦେହୁରୀ, ବାପୁନ ଦେହୁରୀ, ଅନନ୍ତ ଦେହୁରୀ, ପ୍ରହ୍ଲାଦ ଦେହୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ମହିଳାମାନେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଇଣ୍ଡା, ୧୨।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଯୁକ୍ତ ୩ କଲେଜ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଜିଲାପରିଷଦ ସଦସ୍ୟ ଅର୍ଜୁନ ପାଣ୍ଡେ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବଚନ୍ଦ୍ର ବରାଡ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ସିଂ, ଏଲ୍‌ଏମ୍‌ଏ ରାଜେନ୍ଦ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ରୋଗ ଯଥା, ଚକ୍ଷୁ ବିଭାଗରେ ୩୧ ଜଣ, ଅର୍ଥୋପେଡିକରେ ୧୨୨ଜଣ, ମାନସିକ ରୋଗରେ ୩୬ ଜଣ, କର୍ଣ୍ଣ, ନାଶା, ଗଳା ରୋଗରେ ୪୦ ଜଣ, ଶିଶୁ ରୋଗରେ ୨୪ ଓ ଅନ୍ୟାନ୍ୟ ୨୬ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଏଥିରେ ଡ. ଜ୍ଞାନରଞ୍ଜନ ବିଶ୍ୱାଳ, ଡ. ଦେବାଶିଷ ଭଞ୍ଜ, ଡ. ପ୍ରସନ୍ନ ମହାନ୍ତି, ଡ. ବିନୋଦ କୁମାର ସାହୁ, ଚକ୍ଷୁ ସହାୟକ ପ୍ରହ୍ଲାଦ ମାଝି ଯୋଗଦେଇ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ। କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା ପରିଚାଳନା କରିଥିଲେ।



## ଇସ୍ରୋ ଯିବେ ନବୋଦୟ ଛାତ୍ରୀ

**ବନ୍ତଲା, ୧୨।୩(ଡି.ଏନ୍.ଏ)**

ଅନୁଗୋଳ ସ୍ଥିତ ଚମ୍ପତିମୁଣ୍ଡା ଜବାହର ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ମନସ୍ୱିନୀ ସାହୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଦ୍ୱାରା ଆୟୋଜିତ ହେବାକୁ ଥିବା ଯୁବ ବିଜ୍ଞାନୀ କାର୍ଯ୍ୟକ୍ରମ-୨୦୨୦(ୱାଇୟୁଭିଆଇକେଏ-୨୦୨୦) ପାଇଁ ପ୍ରଥମ ପର୍ଯ୍ୟାୟରେ ସର୍ବଭାରତୀୟ ସ୍ତରରେ ଚୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ଗତ ଫେବୃୟାରୀରେ ଇସ୍ରୋ ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଜବାହର ନବୋଦୟ ବିଦ୍ୟାଳୟର ୮ ଜଣ ଛାତ୍ରୀଛାତ୍ର ଏଥିପାଇଁ ଆବେଦନ କରିଥିଲେ। ଛାତ୍ରୀଙ୍କର ଏହି କୃତିତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳାଇଦେଇଛି। ସମସ୍ତଙ୍କ ଆଶୀର୍ବାଦରୁ ଚୂଡ଼ାନ୍ତ ପର୍ଯ୍ୟାୟରେ ମଧ୍ୟ କୃତକାର୍ଯ୍ୟ ହେବେ ବୋଲି ମନସ୍ୱିନୀ ଆଶା ପ୍ରକାଶ କରିଛନ୍ତି।



# ଦକ୍ଷେଶ୍ୱର ଉପ୍ରା ବିଦ୍ୟାଳୟ : ୮ ଶ୍ରେଣୀକୁ ୫ କୋଠରି

**ଆଠମଲ୍ଲିକ, ୧୨।୩(ଡି.ଏନ.ଏ.)**

ଶିକ୍ଷାର ବିକାଶ ପାଇଁ ସରକାର ଅଗ୍ରାଧିକାର ଭିତ୍ତିରେ ଯୋଜନା କରୁଥିବା ଡିଣ୍ଡିମ ପିଟୁଥିବାବେଳେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ। ଏହି ବ୍ଲକର ଲିପିଲୋଇ ଗ୍ରାମରେ ଥିବା ଦକ୍ଷେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷାଦାନକୁ ବ୍ୟବସ୍ଥିତ କରାଯାଇପାରି ନ ଥିବା ଅଭିଯୋଗ ହୋଇଛି। ଭିତ୍ତିଭୂମି ଅଭାବ, ଆବଶ୍ୟକ ଶିକ୍ଷକ ଏପରିକି ଶ୍ରେଣୀ ଅନୁଯାୟୀ ଶ୍ରେଣୀଗୃହ ନ ଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଠପଢାରେ ବ୍ୟାଘାତ ହେଉଥିଲେ ବି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସମୁଦାୟ ୨ ଶହ ଛାତ୍ରୀଛାତ୍ର ପଢୁଛନ୍ତି। ହେଲେ ସେମାନଙ୍କ ପାଇଁ ରହିଛି ମାତ୍ର ୫ ଶ୍ରେଣୀଗୃହ। ସେଥିରୁ ୪ଟି ଛାତଘର ଓ ଗୋଟିଏ ଆଜବେଷ୍ଟସ ଘର। ବସିବାକୁ ଜାଗା ନ ଥିବାରୁ ଦ୍ୱିତୀୟ, ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଅନ୍ୟପକ୍ଷରେ ୮ଟି ଶ୍ରେଣୀ ପାଇଁ ନିଯୁକ୍ତ ହୋଇଛନ୍ତି ମାତ୍ର ୧୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ଫଳରେ ପିଲାମାନଙ୍କୁ ଠିକ୍ ଭାବେ ପଢାଯାଇପାରୁ ନ ଥିବାବେଳେ ଇଂଲିଶ, ସଂସ୍କୃତ, ହିନ୍ଦୀ, ଗଣିତ ଆଦି ପାଠ୍ୟକ୍ରମରୁ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ଦୀର୍ଘ ଦିନରୁ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିପ୍ରତି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଅନାଦି ଚରଣ ବେହେରା କୁହନ୍ତି, ସମସ୍ୟା ରହିଛି। ଏ ନେଇ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବର୍ତ୍ତମାନ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଚାଲିଛି।



ବାରଣ୍ଡାରେ ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି।

■ବାରଣ୍ଡାରେ ଚାଲିଛି ଶିକ୍ଷାଦାନ
■ଇଂଲିଶ, ଗଣିତ ପଢାରୁ ଛାତ୍ରୀଛାତ୍ର ବଞ୍ଚିତ

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୫ବର୍ଷ କାରାଦଣ୍ଡ

**ଢେଙ୍କାନାଳ ଅଫିସ, ୧୨।୩:** ଢେଙ୍କାନାଳ ସଦର ଥାନା କୋଟବେରେଣା ଗ୍ରାମରେ ୨୦୧୬ରେ ଏକ ଦମ୍ପତିଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତି ରଞ୍ଜନ ଶତପଥୀ ଅଭିଯୁକ୍ତ ଅନାଦି ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅକ୍ଷୟ କୁମାର ଭୋଇ ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ଅଗଷ୍ଟ ୧୮ ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତ ଅନାଦି ଟାଙ୍ଗିଆରେ ସୁରେଶଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ବଞ୍ଚାଇବାକୁ ଆସିଥିବା ବିଳାସୀ ମଧ ଅଭିଯୁକ୍ତଙ୍କ ଆକ୍ରୋଶରୁ ବର୍ତ୍ତି ନ ଥିଲେ। ଏ ନେଇ ନଂ. ୩୩୧/୧୬ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲାର ସିଟି (ଏସ୍‌ଏସ୍) କେସ୍ ନଂ. ୧୪/୧୮ର ବିଚାର କରି ୩୦୭ ଦଫାରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

### ଝୁଲନ୍ତା ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୧୨।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସରଧାପୁର ଜହ୍ନିତଇଲା ନିକଟରେ ଥିବା ଏକ ବରଗଛରୁ ଗୁରୁବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ଏକ ଶାଢ଼ିରେ ଉକ୍ତ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ବ୍ୟକ୍ତିଙ୍କର ମୃତ୍ୟୁ ୨ଦିନ ତଳେ ହୋଇଥିବା ଅନୁମାନ କରାଯାଉଛି। ତାଙ୍କୁ କେହି ହତ୍ୟା କରି ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବାଇକ୍-ସ୍କୁଟି ଧକ୍କା, ୩ ଆହତ

**କାମାକ୍ଷାନଗର, ୧୨।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ରହଣି ନିକଟରେ ଗୁରୁବାର ବାଇକ୍-ସ୍କୁଟି ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣ ଆହତ ହୋଇଛନ୍ତି। ରୋଡଙ୍ଗ ଗ୍ରାମର ସ୍ୱାଧୀନ ପାତ୍ର, ହାର ପାତ୍ର ସ୍କୁଟିରେ ନିଜ ଗ୍ରାମକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ରାକେଶ ପାତ୍ରଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ସମସ୍ତଙ୍କୁ କଙ୍କଡ଼ାହାଡ଼ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରାକେଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଚୋରି ଅଭିଯୁକ୍ତ ଗିରଫ

**ଭୁବନ, ୧୨।୩(ଡି.ଏନ.ଏ.):** ଭୁବନ ଏନ୍‌ଏସି ୱାର୍ଡ ନଂ.୨ର ଜଣେ ଚୋରି ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେ ହେଲେ କବୀର ମଳିକ (୩୦)। ତାଙ୍କ ନାମରେ ୨୦୧୯ରେ ଏକ ଚୋରି ମାମଲା ରହିଥିବାବେଳେ ସେ ଫେରାର ଥିଲେ। ଏ ନେଇ ତାଙ୍କ ନାମରେ କୋର୍ଟର ଜିଆର୍ କେସ୍ ନଂ. ୨୭୦/୨୦୧୯ରେ ମାମଲା ରୁଜୁ ହୋଇଥିଲା। ଏଏସ୍‌ଆଇ ନୀଳକଣ୍ଠ ପାତ୍ର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ୬.୯୬ ଲକ୍ଷ ବାକି, ବିଏସ୍‌ଏନ୍‌ଏଲ୍ ଅଫିସ ଲାଇନ୍ କଟିଲା

**କାମାକ୍ଷାନଗର, ୧୨।୩(ଡି.ଏନ.ଏ.):** ବିଦ୍ୟୁତ୍ ଦେୟ ବକେୟା ଥିବାରୁ ଗୁରୁବାର ଏନ୍‌ଜେନ୍ ପକ୍ଷରୁ କଙ୍କଡ଼ାହାଡ଼ସ୍ଥିତ ବିଏନ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ମୋବାଇଲ ଉପଭୋକ୍ତାଙ୍କଠାରୁ ନିୟମିତ ଅର୍ଥ ନେଉଥିବାବେଳେ ବିଦ୍ୟୁତ୍ ବିଲ୍ ପୈଠ ନ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ପରେ ବିଏସ୍‌ଏନ୍‌ଏଲ୍ ସେବାରେ ବିଭ୍ରାଟ ଉପୁଜିବା ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଏନ୍‌ଜେନ୍ ଯନ୍ତ୍ରୀ ମନୋଜ ପରିଡ଼ା କୁହନ୍ତି, ବାରମ୍ବାର ବିଦ୍ୟୁତ୍ ଦେୟ ମାଗିବା ପରେ କେହି ଶୁଣିଲେ ନାହିଁ। ତେଣୁ ବିଦ୍ୟୁତ୍ ସଂଯୋଗ କାଟିବାକୁ ବାଧ ହେଲୁ। ଅପରପକ୍ଷେ ଏ ନେଇ ବିଏସ୍‌ଏନ୍‌ଏଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

# ଲାଗିଲାଣି ୧.୧୨ ଲକ୍ଷ ଗଛ

**ଢେଙ୍କାନାଳ ଅଫିସ, ୧୨।୩**



ପାଲା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।

■ସବୁଜ ମହାନଦୀ ମିଶନକୁ ସଫଳ କରିବାକୁ ପ୍ରୟାସ
■ପାଲା, ଦାସକାଠିଆ ମାଧ୍ୟମରେ ସଚେତନ କରାଉଛି ବନ ବିଭାଗ
■ପଥପ୍ରାନ୍ତ ବନୀକରଣରେ ସୃଷ୍ଟି ହେବ ସବୁଜିମା

ସବୁଜ ମହାନଦୀ ମିଶନକୁ ସଫଳ କରିବାକୁ ଢେଙ୍କାନାଳ ଜିଲା ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ପ୍ରୟାସ। ଶିଳ୍ପସମୃଦ୍ଧ ଜିଲାରେ ଜଙ୍ଗଲ ସମ୍ପଦ ବୃଦ୍ଧି କରିବା, ଜଙ୍ଗଲ ଅବକ୍ଷୟ ରୋକିବା ଏବଂ ବନୀକରଣ ମାଧ୍ୟମରେ ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଅଗ୍ରାଧିକାର ଦିଆଯାଉଛି। ଜିଲାରେ ସବୁଜ ମହାନଦୀ ମିଶନ ଆନୁକୂଲ୍ୟରେ ଅଦ୍ୟାବଧି ୧ଲକ୍ଷ ୧୨ହଜାର ଚାରା ଲଗା ସରିଲାଣି। ଆଗାମୀ ଦିନରେ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ। ଏଥିଲାଗି ପାଲା, ଦାସକାଠିଆ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଢେଙ୍କାନାଳ ଜିଲାରେ ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ବ୍ରାହ୍ମଣୀ ଅବବାହିକା ସମେତ କାମାକ୍ଷାନଗର ଉପଖଣ୍ଡ, ସଦର ରେଞ୍ଜରେ ଆରମ୍ଭ ହୋଇଛି ସବୁଜ ମହାନଦୀ ମିଶନ। ୨୦୧୯-୨୦ବର୍ଷରୁ କାର୍ଯ୍ୟକାରୀ ହୋଇଥିବା ଏହି ଯୋଜନାରେ ଅଦ୍ୟାବଧି ୧ଲକ୍ଷ ୧୨ହଜାର ଗଛ ଲଗାଯାଇଛି। ସେଥିରୁ ଗଁଦିଆ ବ୍ଲକ ଷଡ଼ଙ୍ଗୀ ରେଞ୍ଜର ବାଲିଆପଶି ସଂରକ୍ଷିତ ଜଙ୍ଗଲରେ ୧୦ ହେକ୍ଟର ଜମିରେ ୧୬ ହଜାର, ଅଶ୍ୱଖୋଲା ସଂରକ୍ଷିତ ଜଙ୍ଗଲରେ ୧୦୦ ହେକ୍ଟର ଜମିରେ ୨୦ ହଜାର, କାମାକ୍ଷାନଗର ଉପଖଣ୍ଡ ମହାବିରୋଡ ରେଞ୍ଜ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ୪୦ ହେକ୍ଟରରେ ୬୪ ହଜାର ଏବଂ ଖାଲପାଳ ସଂରକ୍ଷିତ ଜଙ୍ଗଲରେ ୫୦ ହେକ୍ଟରରେ ୧୦ହଜାର ଗଛ ଲଗାଯାଇଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମ୍ପୃକ୍ତ ରେଞ୍ଜ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ମଧ ଚାରା ରୋପଣ କରାଯାଇଛି। ଗ୍ରାମବାସୀଙ୍କୁ ସଚେତନ ଏବଂ ପ୍ରୋତ୍ସାହିତ କରିବା ପାଇଁ ବନ ବିଭାଗ ପକ୍ଷରୁ ପାଲା, ଦାସକାଠିଆ ମାଧ୍ୟମରେ ସଚେତନ କରାଯାଉଛି। ଜଳ ସୁରକ୍ଷା, ଜୀବନ ଯାତ୍ରା ସ୍ଲୋଗାନ ମାଧ୍ୟମରେ ବନ ବିଭାଗ ଏବଂ ପରିବେଶ ବିଭାଗ ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରୁଛନ୍ତି।

ଅପରପକ୍ଷେ କଟକ ଜିଲା ମଙ୍ଗୁଳିଠାରୁ ଢେଙ୍କାନାଳ-ଅନୁଗୋଳ ଜିଲା ଦେଇ ୫୫ନଂ. ଏନ୍‌ଏଚ୍ ସମ୍ପ୍ରସାରଣ କାମ ଚାଲିଛି। ଏଥିରେ ପ୍ରାୟ ୧୬,୦୬୩ ଗଛ କଟାଯିବ। ତେଣୁ ଚଳିତ ଖରାଦିନେ ଜିଲାର ତାପମାତ୍ରା ବୃଦ୍ଧି ପାଇବା ଯଥେଷ୍ଟ ଆଶଙ୍କା ରହିଛି। ଏଥି ଲାଗି ବନ ବିଭାଗ ପକ୍ଷରୁ ପଥପ୍ରାନ୍ତ ବନୀକରଣ ଆରମ୍ଭ ହୋଇଛି। ଏହାଦ୍ୱାରା ଗଛ କଟାକୁ କିଛିମାତ୍ରାରେ ଭରଣା କରାଯାଇପାରିବ। ଏଥିସହ ରାସ୍ତା ପାର୍ଶ୍ୱରେ ସବୁଜ ବନାନୀ ସୃଷ୍ଟି ହେବ ବୋଲି ଆଶାବ୍ୟକ୍ତ କରାଯାଉଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ସବୁଜ ମହାନଦୀ ମିଶନକୁ ସଫଳ କରିବାକୁ ପାରମ୍ପରିକ ଲୋକନୃତ୍ୟ ମାଧ୍ୟମରେ ସଚେତନ କରାଯାଉଛି। ରେଞ୍ଜ ଅଧିକାରୀ, ବନ କର୍ମଚାରୀ ନିୟମିତ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ବୁଝାଉଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହେଲେ ଚାରା ରୋପଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ୨୧ରୁ ରାଜ୍ୟସ୍ତରୀୟ ଚେସ୍




ଖବରଦାତା ସମ୍ମିଳନୀରେ ଶ୍ରେୟା ଚେସ୍ ଏକାଡେମୀ ଏବଂ ଜିଲା ଚେସ୍ ଏକାଡେମୀର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଶ୍ରେୟା ଚେସ୍ ଏକାଡେମୀ ପକ୍ଷରୁ ୬ଷ୍ଠ ବସନ୍ତ ମେମୋରିଆଲ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଚଳିତ ୨୧ ତାରିଖରୁ ଦୁଇଦିନ ଧରି ଗୋପବନ୍ଧୁ ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ହେବ। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଜିଲା ଚେସ୍ ଆସୋସିଏଶନ ସହାୟତାରେ ଉଭୟ ବାଳିକା ଏବଂ ବାଳକ ବିଭାଗରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୬, ୭, ୮, ୯, ୧୦, ୧୧ବର୍ଷରୁ କମ୍ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିପୂର୍ବରୁ ୨୦ ତାରିଖରେ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଟାଉନ୍ ହଲ୍‌ରେ ରଙ୍ଗ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ 'ନାରୀ କେତେବେଳେ ସୁରକ୍ଷିତ ଓ ସମ୍ପୂର୍ଣ୍ଣ' ସେ ସମ୍ପର୍କିତ ଆଲୋଚନାଚକ୍ର ହେବ ବୋଲି ଏକାଡେମୀର ନିର୍ଦ୍ଦେଶିକା ସାଗରିକା ମିଶ୍ର କହିଛନ୍ତି।

ଖବରଦାତା ସମ୍ମିଳନୀରେ ଜିଲା ଚେସ୍ ଏକାଡେମୀର ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ, ସମ୍ପାଦକ ଦେବବ୍ରତ ଭଞ୍ଜ, ଶ୍ରେୟା ଏକାଡେମୀର ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣା, ଉପସଭାପତି ବନ୍ଦନା ପଣ୍ଡା, କୋଷାଧକ୍ଷା ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୁଷ୍ଠାଶ୍ରମରେ ପାଣି ସମସ୍ୟା ଉତ୍କଟ

**ଢେଙ୍କାନାଳ ଅଫିସ, ୧୨।୩**



କଂଗ୍ରେସ କର୍ମକର୍ତ୍ତାମାନେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

■ସମାଧାନ ଦାବି କଲା ଜିଲା କଂଗ୍ରେସ
■ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଢେଙ୍କାନାଳ ରେଳଷ୍ଟେଶନ ନିକଟରେ ଥିବା ସଞ୍ଜୟ ଜୀ କୁଷ୍ଠାଶ୍ରମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଆଗକୁ ଖରାଦିନ ଆସୁଥିବାରୁ ସ୍ଥିତି ଆହୁରି ଜଟିଳ ହୋଇପଡ଼ିବ ବୋଲି ଅନ୍ତେବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ସମସ୍ୟା ସମାଧାନ ଦାବିରେ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ପୌରସଂସ୍ଥାର ୨୧ନଂ. ୱାର୍ଡରେ ଅବସ୍ଥିତ ସଞ୍ଜୟ ଜୀ କୁଷ୍ଠାଶ୍ରମ କଲୋନୀରେ ୩୦୦ ଅନ୍ତେବାସୀ ରହୁଛନ୍ତି। ସେମାନଙ୍କ ଲାଗି କଲୋନୀରେ ପାଣି ଟାଙ୍କି ନିର୍ମିତ ହୋଇଛି। ପ୍ରତି ଘରକୁ ପାଇପ୍ ସଂଯୋଗ କରାଯାଇଛି। ହେଲେ ୪ଲକ୍ଷ ୫୯ହଜାର ଟଙ୍କା ବକେୟା ବିଦ୍ୟୁତ୍ ବିଲ୍ ଦିଆଯାଇ ନ ଥିବାରୁ ସେସୁ ପକ୍ଷରୁ ୫ମାସ ହେଲା ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଛି। ଫଳରେ ଟାଙ୍କିକୁ ପାଣି ଉଠିପାରୁନାହିଁ। ସେହିପରି ମାଟିତଳେ ବିଛାଯାଇଥିବା ପୁରୁଣା ପାଇପ୍ ଫାଟିଗଲାଣି। ଏଣୁ ଘରକୁ ଠିକ୍ ଭାବେ ପାଣି ଆସୁନାହିଁ। ଦିବ୍ୟାଙ୍ଗମାନେ କଷ୍ଟରେ ନଳକୂପରୁ ପାଣି ନେଉଛନ୍ତି। ଏହାର ସମାଧାନ କରିବାକୁ ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରକାଶ ଚନ୍ଦ୍ର କୁଅଁର, ଡା. ତୁଷାରକାନ୍ତି ନାୟକ, ସୁନୀଲ ଦାଶ, ରୁଦ୍ରପ୍ରକାଶ ଶରଣ, ହାଇଦର ମହମ୍ମଦ, ମମତାଞ୍ଜଳି ବେହେରା, ନିଶାକର ସାହୁ ପ୍ରମୁଖ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ

**ବାଲିଆପାଳ, ୧୨।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପାରୁଳିଆ ଛକ ନିକଟ ଇସ୍କନ ମନ୍ଦିରରେ ଭଗବାନ ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ସୋମବାର ପାଳିତ ହୋଇଥିଲା। ମନ୍ଦିର ପ୍ରାଙ୍ଗଣରେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନଙ୍କ ଗହଳି ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିଲା। ପ୍ରଭୁଙ୍କର ମଙ୍ଗଳ ଆଳତୀ, ଦର୍ଶନ ଆଳତୀ, ଅଖଣ୍ଡ ହରିନାମ, ସଂକୀର୍ତ୍ତନ, ମହାପ୍ରଭୁଙ୍କର ଆବିର୍ଭାବ, ମହିମା ପାଠ, ରାଜଭୋଗ ଆଳତୀ, ଗୌର ନିତାଇଙ୍କ ମହାଅଭିଷେକ, ହରିକଥାମୃତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମଚାରୀ ଅଦ୍ୱୈତ କୃଷ୍ଣ ଦାସ, ହରେକୃଷ୍ଣ ଦାସ, ସୁରଥ ନନ୍ଦୀ, ଖଗପତି କୃଷ୍ଣଦାସ, ବିଦ୍ୟାଧର କୃଷ୍ଣଦାସ, ସତ୍ୟଗୌର ଦାସ, ଗୋବର୍ଦ୍ଧନ କୃଷ୍ଣଦାସ, ବଳରାମ କୃଷ୍ଣଦାସ ପ୍ରମୁଖ ଯୋଗଦେଇଥିଲେ।

# ଦାବି ଉଠାଇଲେ ବରିଷ୍ଠ ନାଗରିକ



ଆଲୋଚନା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନେ।

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଦାଶିଳା ପଞ୍ଚାୟତ ସାଇଁବିରିଠାରେ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦର ଏକ ବୈଠକ ସଭାପତି ଶଶାଙ୍କ ଶେଖର ରଥଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟକୁ ନେଇ ଲାଗି ରହିଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ବରିଷ୍ଠ ନାଗରିକଙ୍କ ସମସ୍ୟା, ଭାବର ଆଦାନ ପ୍ରଦାନ, ଚିତ୍ତ ବିନୋଦନ, ଜନସେବା ପାଇଁ ଉତ୍ସର୍ଗୀକୃତ ହେବାକୁ ମତପ୍ରକାଶ ପାଇଥିଲା। ବୟସ୍କଙ୍କ ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଉତ୍କଳ ଦିବସରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସମ୍ପାଦକ ମୋହନମୁରାରୀ ମିଶ୍ର, ମହେଶ୍ୱର ରାଉତ, କ୍ଷୀରୋଦ ମିଶ୍ର, କିଶୋର ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ରାଉତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବୃନ୍ଦାବନପୁରରେ ଦୋଳମେଳଣ



ଦୋଳ ମେଳଣରେ ଏକାଠି ହୋଇଥିବା ରାଧାକୃଷ୍ଣଙ୍କ ବିମାନ।

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବୁଢ଼ୀବିଲି ପଞ୍ଚାୟତ ଅଧୀନ ବୃନ୍ଦାବନପୁରର ପ୍ରସିଦ୍ଧ ଦୋଳ ଉତ୍ସବ ଧୁମ୍‌ଧାମ୍‌ରେ ଶେଷ ହୋଇଛି। ଦୀର୍ଘ ୧୦୦ବର୍ଷ ଧରି ପାଳିତ ହୋଇଆସୁଥିବା ଏହି ଉତ୍ସବରେ ଆଖପାଖ ଅଞ୍ଚଳର ୧୧ ଗ୍ରାମର ହଜାର ହଜାର ଜନସାଧାରଣ ସାମିଲ ହୋଇଥିଲେ।

ପରମ୍ପରା ଅନୁଯାୟୀ ଦୋଳ ପୂର୍ଣ୍ଣିମାଠାରୁ ଏହି ଉତ୍ସବ ଆରମ୍ଭ ହୋଇଥିଲା। ପ୍ରତି ଗ୍ରାମରେ ରାଧାକୃଷ୍ଣଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋଡ଼ାସାହି, ବୋଲୁଅ, ବୃନ୍ଦାବନପୁର, ବୁଢ଼ୀବିଲି, ଭଏରପୁର, ରଗଡ଼ିପଶି, ରାଙ୍କିଆ, କଣ୍ଟାଝରିଆ, ବାଲିପଡ଼ା, ଟାଙ୍ଗର, ମହାବୀରନଗର ଅଞ୍ଚଳବାସୀ ଯାତ୍ରାରେ ସାମିଲ ହୋଇ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ପୂଜାର୍ଚ୍ଚନା କରିଥିଲେ। ହୋଲି ଅବସରରେ ବୃନ୍ଦାବନପୁର ଗ୍ରାମରେ ରାଧାକୃଷ୍ଣଙ୍କ ବିଗ୍ରହକୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇଥିଲା। ପରେ ମେଳଣ ପଡ଼ିଆରେ ସୁସଜ୍ଜିତ ବିମାନକୁ ରଖି ଫଗୁଖେଳାଯାଇଥିଲା। ଲଉଡ଼ିବାଡ଼ି ଖେଳ, କୀର୍ତ୍ତନ, ଶିଙ୍ଗବାଜାରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଗ୍ରାମ ସଭାପତି ବିଦ୍ୟାଧର ନାୟକ, ସମ୍ପାଦକ ଦୁଃଖବନ୍ଧୁ ବେହେରା, ନିତ୍ୟାନନ୍ଦ ବେହେରା, ପ୍ରହ୍ଲାଦ ବେହେରା, ନୃସିଂହ ଚରଣ ବେହେରା, ପ୍ରାଣବନ୍ଧୁ ବେହେରା, ବିଦ୍ୟାଧର ସ୍ୱାଇଁ, ବୀରବର ବେହେରା, ନୀଳମଣି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅଞ୍ଚଳବାସୀଙ୍କ ନିଷ୍ଠାପର ଉଦ୍ୟମରେ ଏଠାରେ ପାଳିତ ହେଉଥିବା ଦୋଳ ଉତ୍ସବ ଭାଇଚାରାର ପର୍ବରେ ପରିଣତ ହୋଇଛି। ଏହା ୧୧ଖଣ୍ଡ ଗ୍ରାମର ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି।

# ବିନା ସୂଚନାରେ କାଟିଦେଲେ ବିଦ୍ୟୁତ୍

**ଢେଙ୍କାନାଳ ଅଫିସ, ୧୨।୩**



ଛାତ୍ରମାନେ ରାସ୍ତା ଅବରୋଧ କରିଛନ୍ତି।

■ସେସୁର ମନମୁଖି କାର୍ଯ୍ୟକୁ ଛାତ୍ରଙ୍କ ବିରୋଧ
■ପ୍ରତିବାଦରେ ରାସ୍ତା ଅବରୋଧ, ଉତ୍ତେଜନା
■ଆନ୍ଦୋଳନ ପରେ ଚେତିଲେ, ଦିଆଗଲା ସଂଯୋଗ

ପରୀକ୍ଷା ସମୟରେ ଯଥାସମ୍ଭବ ବିଦ୍ୟୁତ୍ କାଟ କମ୍ କରିବାକୁ ରାଜ୍ୟ ସରକାର ବିଦ୍ୟୁତ୍ ବିଭାଗକୁ ତାଗିଦ୍ କରିଛନ୍ତି। ହେଲେ ଏହାର ବିପରୀତ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳରେ। ବକେୟା ବିଦ୍ୟୁତ୍ ବିଲ୍ ପ୍ରଦାନ କରି ନ ଥିବା ଦର୍ଶାଇ ଗୁରୁବାର ସେସୁ କର୍ତ୍ତୃପକ୍ଷ ଢେଙ୍କାନାଳ କଲେଜ ଏବଂ କପିଳାସ ଛାତ୍ରାବାସରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଛନ୍ତି। ପରୀକ୍ଷା ଚାଲୁଥିବା ସମୟରେ ସେସୁର ଏପରି ମନମୁଖି କାର୍ଯ୍ୟ ବିରୋଧରେ ଛାତ୍ର ଅଶାନ୍ତି ତେଜିଛି। ଏହାର ପ୍ରତିବାଦରେ ଶତାଧିକ ଅନ୍ତେବାସୀ ଅପରାହ୍ନ ୫ଟାରୁ ରାସ୍ତା ଅବରୋଧ କରିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଆନ୍ଦୋଳନକାରୀ ଛାତ୍ରଙ୍କ କହିବା କଥା, ଢେଙ୍କାନାଳ କଲେଜରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଏଠାରେ ୭ରୁ ଉର୍ଦ୍ଧ୍ୱ କଲେଜର ଯୁକ୍ତ ୨ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କଲେଜକୁ ପ୍ରଶ୍ନପତ୍ର ରଖିବାକୁ ନୋଡାଲ ସେଣ୍ଟର କରାଯାଇଛି। ଏଠାରେ କଡ଼ା ସୁରକ୍ଷା ବଳୟ ଭିତରେ ଅନ୍ୟ ୭ କଲେଜର ପ୍ରଶ୍ନପତ୍ର ରଖାଯାଇଛି। ପରୀକ୍ଷା କେନ୍ଦ୍ର ଏବଂ ପ୍ରଶ୍ନପତ୍ର ରଖାଯାଇଥିବା ପ୍ରକୋଷ୍ଠରେ ସିସିଟିଭି କ୍ୟାମେରା ଲଗାଯାଇଛି। ସେହିପରି କପିଳାସ ଛାତ୍ରାବାସରେ ଯୁକ୍ତ ୨ ବିଭାଗର ୨୫୦ ଛାତ୍ର ରହି ପାଠ ପଢୁଛନ୍ତି। ଏ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ସେସୁ ବିନା ସୂଚନାରେ ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୂଚନା ପାଇ କଲେଜର ପ୍ରଶାସନିକ ଅଧିକାରୀ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ଟାଉନ ଥାନା ଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ପହଞ୍ଚିଥିଲେ। ତେବେ ଘଟଣାସ୍ଥଳକୁ ସେସୁ କିମ୍ବା ଏନ୍‌ଜେନ୍‌ର କୌଣସି ଅଧିକାରୀ ନ ଆସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଛାତ୍ରଙ୍କ ଦାବି ଆଗରେ ମୁଣ୍ଡ ନୁହାଁଇ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ସେସୁ ବାଧ ହୋଇଥିଲା। ଏହାପରେ ସନ୍ଧ୍ୟା ୬ଟା ୨୦ରେ ରାସ୍ତାରୋକୋ ହଟିଥିଲା।

ଏ ନେଇ କଲେଜ ପ୍ରଶାସନିକ ଅଧିକାରୀ ରଣଜିତ୍ ପ୍ରଧାନ କୁହନ୍ତି, ଏହି ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ। ଛାତ୍ରଙ୍କ ଦାବି ଯୁକ୍ତିଯୁକ୍ତ। କଲେଜକୁ ମିଳୁଥିବା ଗ୍ରାଣ୍ଟରୁ ଏକଥରକେ ୩-୪ ମାସର ବିଲ୍ ପ୍ରଦାନ କରାଯାଇଥାଏ। ଏବେ ୧ ଲକ୍ଷ ୩୦ ହଜାର ଟଙ୍କା ଦେୟ ବାକି ରହିଛି। ଏହାକୁ ଅତିଶୀଘ୍ର ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସାରଦା ପ୍ରସନ୍ନ ପତି କୁହନ୍ତି, ଅଧିକାଂଶ ସମୟରେ ଅଧିକା ବିଦ୍ୟୁତ୍ ବିଲ୍ ଆସୁଛି। ନୂତନ ମିଟର ବସାଇବା ଲାଗି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ କୁହାଯାଇଛି। ହେଲେ ସେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ପରୀକ୍ଷା ସମୟରେ ଏପରି ବିଦ୍ୟୁତ୍ ବିଚ୍ଛିନ୍ନ ଛାତ୍ରଙ୍କ ମଧରେ ଅସନ୍ତୋଷ ବଢ଼ାଇଛି।

ଏ ସମ୍ପର୍କରେ ସେସୁ ନିର୍ବାହୀଯନ୍ତ୍ରୀ ସତ୍ୟବ୍ରତ ମହାନ୍ତି କୁହନ୍ତି, କଲେଜ ଓ ଛାତ୍ରାବାସର ପ୍ରାୟ ୨ଲକ୍ଷ ଟଙ୍କା ବିଲ୍ ବାକି ରହିଛି। ଏ ନେଇ ସେମାନଙ୍କୁ ଅବଗତ କରାଯାଇଛି। ଯେହେତୁ ପରୀକ୍ଷା ଚାଲିଛି ଏବଂ କଲେଜରେ ପରୀକ୍ଷା କେନ୍ଦ୍ର ହୋଇଛି ତେଣୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି ବୋଲି ନିର୍ବାହୀଯନ୍ତ୍ରୀ କହିଛନ୍ତି।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଆଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

